# Akashvani, Sambalpur

## SAMBALPURI NEWS BULLETIN

### 25 August 2025 - 6.47- 6.52 am.

*********************************************

ବିମାନ୍ ଚଲାଚଲ୍ ସମ୍ମିଳନୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ପୂର୍ବାଂଚଲ୍ ବେସାମରିକ ବିମାନ୍ ଚଲାଚଲ୍ ମନ୍ତ୍ରୀ ସମ୍ମିଳନୀ ହେବା । ସମ୍ମଲନୀଥି ପୂର୍ବ ଭାରତ୍‌ର ରାଜ୍ୟ ମାନ୍‌କର୍ ଭିତ୍‌ରେ ଆଂଚଲିକ୍ ବିମାନ୍ ସଂଯୋଗ୍‌କେ ବର୍‌କସ୍ କର୍‌ବାର୍‌କେ ଜୋର୍ ଦିଆଯିବା । ଇ ସମ୍ମିଳନୀ ଭୁବ୍‌ନେଶ୍ୱର୍ ଠାନେ ହେଉଥିବାର୍‌ନୁ ଉଡ଼ାମ୍ ଯୋଜ୍‌ନାଥି ଓଡ଼ିଶାନ ଆଂଚଲିକ୍ ବିମାନ୍ ଚଲାଚଲ୍‌କେ ତହଁକାବାର୍ ଲାଗି ଜୋର୍ ଦିଆଯିବା । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ଉଡ଼ାନ୍ କେଫେ ଲୋକାର୍ପିତ୍ ହେବା । ଦୁଇ ଦିନିଆ ସମ୍ମିଳନୀଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ସମ୍ମିଳନୀଥି କେନ୍ଦ୍ରମନ୍ତ୍ରୀ, ବରିଷ୍ଠ ଅଧିକାରୀ ଆଉ ଶିଳ୍ପ ପ୍ରତିନିଧି ମାନେ ଯୋଗ୍ ଦେବେ । କେନ୍ଦ୍ର ବେସାମରିକ୍ ବିମାନ୍ ଚଲାଚଲ୍ ମନ୍ତ୍ରୀ କେ. ରାମ୍‌ମୋହନ୍ ନାଇଡୁ ଙ୍କର୍ ସହେତେ ଛତିଶ୍‌ଗଡ୍, ବିହାର୍, ଝାର୍‌ଖଣ୍ଡ୍, ପଶ୍ଚିମବଙ୍ଗ୍ ଆର୍ ଆଣ୍ଡାମାନ୍ -ନିକୋବର୍

ଦ୍ୱୀପପୁଞ୍ଜ  କେନ୍ଦ୍ରଶାସିତ୍ ଅଂଚଲ୍ ଆଉ ଓଡ଼ିଶାର୍ ବିମାନ୍ ଚଲାଚଲ୍ ପ୍ରତିନିଧିମାନେ ଉପସ୍ଥିତ୍ ରହେବେ ।

ରାଜ୍ୟପାଲ୍-କେ. ରାମ୍‌ମୋହନ I&PR

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟିଙ୍କୁ -କେନ୍ଦ୍ର ବେସାମରିକ୍ ବିମାନ୍ ଚଲାଚଲ୍ ମନ୍ତ୍ରୀ କେ. ରାମ୍‌ମୋହନ୍ ନାଇଡୁ ଗଲାକାଏଲ୍ ରାଜ୍ୟ ରାଜ୍‌ଭବନ୍ ଠାନେ ଭେଟିକରି ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ଖାସ୍ କରି ଓଡ଼ିଶା ନ ଚାଲିଥିବା ଯୋଜ୍‌ନା ମାନ୍‌କର୍ ବାବ୍‌ଦେ ଆଲୋଚନା କରିଛନ୍ । ବିମାନ୍ ଚଲାଚଲ୍ କ୍ଷେତ୍ର ଉପ୍‌ରେ ଇ ଅବ୍‌ସରେ ବିଶେଷ୍ ଭାବେ ଆଲୋଚନା କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଗ୍ରାମ୍ୟ ଉନ୍ନୟନ୍ ବିଭାଗ-ଏଆଇ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ ପ୍ରକଳ୍ପ ମାନ୍‌କର୍ କାମ୍ କର୍‌ବାର୍ ଲାଗି ଆଉ ସମ୍ପତି ଅନୁଧାନ୍ ପରିଚାଳନା ଲାଗି କୃତ୍ରିମ ବୁଦ୍ଧିମତାର୍ ବେଭାର୍ କରାଯିବା । ଡ୍ରୋନ୍ ଜରିଏ ପ୍ରକଳ୍ପ ମାନ୍‌କର୍ ଭିଡ଼ିଓ ଆଉ ଫଟୋ ଉଠାଯିବା । ଇତାର୍‌ସହେତେ ଗୁଗୁଲ୍ ଆର୍ଥ ଇଞ୍ଜିନ୍ ଆଉ ଜିଆଇଏସ୍ ବାଗିର୍ କୌଶଲ୍‌କେ ଭିଲ୍ ବେଭାର୍ କରାଯିବା । ଦିଆଯାଇଥିବା କାମ୍ ଉନ୍ନତ୍‌ମାନର୍ ହେଉଛେ କି ନାଇଁ ଚୁକ୍ତି ଅନ୍‌ସାରେ ଠିକା ସଂସ୍ଥା ଦରବ୍ ବେଭାର୍ କରୁଛେ କି ନାଇଁ ସେ ବାବ୍‌ଦେ ବରିଷ୍ଠ ଅଧିକାରୀମାନେ ଲୋକ୍‌ସେବା ଭବନ୍ ନ ଥାଇକରି ଭିଲ୍ ଅନ୍‌ଲାଇନ୍ ଜରିଏ ସିଧାସଲଖ୍ ଦେଖିପାର୍‌ବେ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବିଭାଗ୍‌ର ସମୀକ୍ଷା ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ଆଇନ୍‌ମନ୍ତ୍ରୀ-ଅବକାରୀ ନିୟମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଲାଗୁ ହେଇଥିବା ଅବକାରୀ ନିୟମ୍‌ଥି ପରିବର୍ତ୍ତନ୍ କରାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍,

ଏତ୍‌କର ବାର୍ ଲାଇସେନ୍ସ ଗୁଟେ ବଛର୍ ବଦ୍‌ଲେ ୩ ବଛରତକ୍ ରହେବା । ଇ ବଛର୍‌ନୁ ଇ ବଦ୍‌ଲିଥିବା ନିୟମ୍ କାର୍ଯ୍ୟକାରୀ ହେବା । ସେନ୍ତା ବାର୍ ଖୁଲ୍‌ବାର୍ ନିୟମ୍ ଭିଲ୍ କୋହଲ୍ କରାଯିବା । ୨୦ ନୁ ଅଏତ୍‌କା ବଖ୍‌ରା ଥିବା ହୋଟେଲ୍ ମାନ୍‌କେ ବାର୍ ଖୁଲ୍‌ବାର୍‌କେ ଅନୁମତି ଦିଆଯିବା  ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ I&PR

ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ଗଲାକାଏଲ୍ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ୍ ଦେଇକରି ଭାରତ୍‌ର ସ୍ୱାଧୀନତା ସଂଗ୍ରାମ୍‌ଥି ଓଡ଼ିଆମାନ୍‌କର୍ ଅବଦାନ୍ ଆଉ ବ୍ରିଟିଶ୍‌ମାନ୍‌କର୍ ଅତ୍ୟାଚାର୍ ବାବ୍‌ଦେ ଆଲୋଚନା କରିଛନ୍ । ନବରଙ୍ଗ୍‌ପୁର୍ ଜିଲ୍ଲା ପାପଡ଼ାହାଣ୍ଡି ଠାନେ ହେଇଥିବା ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡର ପୁନରାବୃତି ଘଟ୍‌ନା ଓଡ଼ିଶାର୍ ସ୍ୱାଧୀନତା ସଂଗ୍ରାମ୍‌ର ରକ୍ତ ସ୍ୱାକ୍ଷର ଆଏ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ବର୍ଜ୍ୟବସ୍ତୁ-ସବୁଜ ଇନ୍ଧନ୍ ପ୍ରକଳ୍ପ ଏକ୍ସ

ଓଡ଼ିଶାର୍ ବର୍ଜ୍ୟବସ୍ତୁନୁ ସବୁଜ ଇନ୍ଧନ୍ ତିଆର୍ କର୍ବାର୍କେ ରାଜ୍ୟ ସର୍କାର୍ ଯୋଜ୍ନା କରୁଛନ୍ ବଲି ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ସେ କହିଛନ୍, ପହେଲା ଖେପେ ଭୁବ୍ନେଶ୍ୱର୍, କଟକ୍ ନ ଇ ସବୁଜ ଇନ୍ଧନ୍ ପ୍ରକଳ୍ପ ଥାପ୍ନା କରାଯିବା । ଇଥିର୍ଲାଗି ସର୍କାର୍ ଜମି ସହେତେ ବର୍ଜ୍ୟବସ୍ତୁ ଭିଲ୍ ଯୁଗେଇ ଦେବେ । କମ୍ପାନୀମାନେ ତାଙ୍କର୍ କାର୍ଖାନା ଥାପ୍ନା କର୍ବେ । ତାର୍ ଉତ୍ରୁ ପୌରପରିଷଦ୍ ମାନ୍କେ ଇଟା କାର୍ଯ୍ୟକାରୀ କରାଯିବା । ଖୋବ୍ ଜଲ୍ଦି ବିଭାଗୀୟ ବୈଠକ୍ ବସ୍ବା ଆଉ ଇ ଦିଗେ କାମ୍ ମୁଲ୍ ହେବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଟିପିଡବ୍ଲୁଓଡିଏଲ୍-ରୁଫ୍‌ଟପ୍ ସୋଲାର୍ ଆର୍ଏନ୍ୟୁ/ ସମ୍ବଲପୁର

ବିଦ୍ୟୁତ୍ ବିତରକ କମ୍ପାନୀ- ଟିପିଡବ୍ଲୁଓଡିଏଲ୍ ତର୍ଫୁ ଏତ୍କର କମ୍ ଖର୍ଚ୍ଚାଥି ସୋଲାର୍ ପେନେଲ ଯୁଗେଇ ଦିଆଯିବା । ମାତ୍ର ୮ ହଜାର୍ ୭ ଶହ ୪୭ ଟଙ୍କାଥି ୧ କିଲୋୱାଟ୍‌ର ରୁଫ୍‌ଟପ୍ ସୋଲାର୍ ସିଷ୍ଟମ୍ ମିଲିପାର୍ବା । ଆବେଦନ୍ ଲାଗି ୫ ହଜାର୍ ଆଉ ସୋଲାର୍ ମିଟର୍ ବାବଦ୍‌କେ ୩ ହଜାର୍ ୭ ଶହ ୪୭ ଟଙ୍କା ସ୍ଥାନୀୟ ବିଦ୍ୟୁତ୍ ବିଭାଗ୍ କାର୍ଯ୍ୟାଳୟ ନ ଜମା ଦେଇକରି ଇ ସୁବିଧା ପାଇପାର୍ବେ ବଲି

ଟିପିଡବ୍ଲୁଓଡିଏଲ୍ କମ୍ପାନୀର୍ କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚ୍ନା ଦେଇଛନ୍ ।

ସମଲେଇ ମନ୍ଦିର-ନୂଆଧାନ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ମା ସମଲେଇ ମନ୍ଦିର୍କେ ନୂଆଖାଇ ଲାଗି ନୂଆଧାନ୍ ପୁହୁଁଚିଛେ । ଅଗଷ୍ଟ ମାସର୍ ୨୮ ତାରିଖ୍ ନୂଆଖାଇ ପରବ୍ ଲାଗି ଲଗନ୍ ଧାରିଜ୍ ହେଇଥିବାର୍ ବେଲେ ଇଷ୍ଟଦେବୀ ମା ସମଲେଶ୍ୱରଙ୍କର୍ ଠାନେ ଦିନର୍ ୧୦ ବାଜିକରି ୩୩ ମିନିଟ୍ନୁ ୧୦ ବାଜିକରି ୫୫ ମିନିଟ୍ ଭିତ୍ରେ ନବାନ୍ନ ଲାଗି ହେବା । ନୂଆଧାନ୍ ନୁ ପ୍ରସ୍ତୁତ୍ ନୈବେଦ୍ୟ ଇଷ୍ଟଦେବୀଙ୍କର୍ ଠାନେ ଅର୍ପଣ୍ କର୍ବାର୍ ବିଧି ରହିଛେ । ୬୦ ଦିନେ ଅମଲ୍ ହେଉଥିବା ଇ ଧାନ୍କେ ଖେତେ ପୂଜାର୍ଚ୍ଚନା କରିକରି କାଟ୍ବାର୍ ଉତ୍ରୁ ବଲ୍ବସ୍ପୁର୍ର ଚାଷୀ ମାନେ ମା ସମଲେଶ୍ୱରୀ ମନ୍ଦିର୍କେ ଆସିକରି ମୁଖ୍ୟ ପୂଜକଙ୍କୁ ଇ ନୂଆଁ ଧାନ୍ ଦେଇଛନ୍ ।

ସାଫ୍ ଚାମ୍ପିଆନ୍ସିପ୍ ଆର୍ଏନ୍ୟୁ/ ସମ୍ବଲପୁର

ଭୁଟାନ୍ ଠାନେ ଚାଲିଥିବା ୧୭ ବଛର୍ନୁ କମ୍ ଦକ୍ଷିଣ ଏସିଆ ମହିଳା ଫୁଟ୍ବଲ୍ ଚାମ୍ପିଆନ୍ସିପ୍ଥି ଭାରତ୍ ବଡ଼ ସଫଲତା ପାଇଛେ ।

ଗଲାକାଏଲ୍ ହେଇଥିବା ମେଚ୍‌ଥି ଭାରତ୍ ଦଲ୍ ଭୁଟାନ୍‌କେ ୮/ଶୂନ୍ ଗୋଲ୍‌ଥି ହରେଇକରି ହେଟ୍ରିକ୍ ବିଜୟ ହାସଲ୍ କରିଛେ । ଆଏବା ୨୭ ତାରିଖ୍ ଭାରତୀୟ ଦଲ୍ ଫେର୍‌ଘାଏ ଆୟୋଜକ୍ ଦଲ୍‌କେ ଭେଟ୍‌ବା ।

ପାଣିପାଗ/ହୀରାକୁଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଓଡ଼ିଶା- ପଶ୍ଚିମବଙ୍ଗ୍ ଉପକୂଳର ଉତର୍‌ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଆଉ ଗୁଟେ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭାବନା ରହିଛେ । ଇତାର୍ ବଲେ ଆଏବା ୨୫ ନୁ ୨୮ ତାରିଖ୍‌ତକ୍ ରାଜ୍ୟର୍ ବଡ଼ଭାଗି ଜାଗା ନ ବର୍ଷା ଲାଗି ରହେବା । କେତେ ଜାଗାନ ଅତି ଜବର୍ ବର୍ଷା ହେଇପାରେ । ଆଏବା ୨୪ ଘଂଟା ଭିତ୍‌ରେ ୮ ଜିଲ୍ଲା ନ ଘଡ଼୍‌ଘଡ଼ି ସାଙ୍ଗେ ଅତି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।
ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ୧୨ ଟା ଗେଟ୍ ଦେଇକରି ବଏଡ୍ ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୧ ଦଶ୍‌ମିକ୍ ୬/୯ ଫୁଟ୍ ରହିଛେ ।